# ଅଧ୍ୟାୟ 1: ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ ଅବକାରୀ, ଅର୍ଥ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁପାଳନ ସମୀକ୍ଷାରୁ ପ୍ରାପ୍ତ ବିଷୟ ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି । ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା, ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ଏହି ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ଓ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଂଗଠନର ଉନ୍ନତ ଆର୍ଥିକ ପରିଚାଳନା ସହିତ ଉତ୍ତମ ଶାସନନୀତି ପ୍ରଚଳନରେ ସହାୟକ ହେବ ।

ଏହି ପ୍ରତିବେଦନ ନିମ୍ନ ବର୍ଣ୍ଣିତ ଅଧ୍ୟାୟରେ ସଂଗଠିତ କରାଯାଇଛି:

**ଅଧ୍ୟାୟ 1:** ଏହି ପ୍ରତିବେଦନରେ ସ୍ଥାନିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ ।

**ଅଧ୍ୟାୟ 2:** "ରାଜ୍ୟରେ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳ ପରିଚାଳନା ନିୟନ୍ତ୍ରଣ" ର ବିସ୍ତୃତ ଅନୁପାଳନ ସମୀକ୍ଷା ।

**ଅଧ୍ୟାୟ 3:** (i) ଜିଏସ୍‌ଟି ଅଧୀନରେ ଫେରସ୍ତର ପ୍ରକ୍ରିୟାକରଣ ଏବଂ (ii) ଜିଏସ୍‌ଟି ଅଧୀନରେ ମଧ୍ୟକାଳୀନ ଜମା ଉପରେ ଅନୁପାଳନ ସମୀକ୍ଷା ।

**ଅଧ୍ୟାୟ 4:** ଡ୍ରାଫ୍ଟ ଅନୁଚ୍ଛେଦ ।

## 1.2 ଏହି ପ୍ରତିବେଦନ ଅଧୀନସ୍ଥ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ

ବର୍ତ୍ତମାନର ଏହି ପ୍ରତିବେଦନରେ ଅନୁପାଳନ ସମୀକ୍ଷାରୁ ପ୍ରାପ୍ତ ତିନୋଟି ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ ଦୁଇଟି ଡ୍ରାଫ୍ଟ ଅନୁଚ୍ଛେଦ ସ୍ଥାନିତ ହୋଇଛି । ଏହି ପ୍ରତିବେଦନରେ ସ୍ଥାନିତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯାଇଛି ।

### 1.2.1 ରାଜ୍ୟରେ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳ ପରିଚାଳନା ନିୟନ୍ତ୍ରଣ

ରାଜ୍ୟ ଅବକାରୀ ପ୍ରଶାସନ, ଓଡ଼ିଶା ଅବକାରୀ ଅଧିନିୟମ 2008 ଏବଂ ଓଡ଼ିଶା ଅବକାରୀ ନିୟମ, 2017 ଦ୍ୱାରା ପରିଚାଳିତ ହେଉଛି, ଯାହା ମଦ ଉତ୍ପାଦ ଗୁଡ଼ିକର ବିକ୍ରୟ, ଉତ୍ପାଦନ ଓ ଯୋଗାଣକୁ ନିୟନ୍ତ୍ରଣ କରିଥାଏ । ଓଡ଼ିଶା ସରକାର (ଜିଓଓ) ନଭେମ୍ବର 2000 ରେ କମ୍ପାନୀ ଅଧିନିୟମ 1956 ଆଧାରରେ ଏକ କମ୍ପାନୀ ଭାବରେ ଓଡ଼ିଶା ପାନୀୟ ନିଗମ ଲିମିଟେଡ୍ (ଓଏସ୍‌ବିସିଏଲ୍) ପ୍ରତିଷ୍ଠା କରିଥିଲେ । ଭାରତରେ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍‌ଏଫ୍‌ଏଲ୍), ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ (ଏଫ୍‌ଏମ୍‌ଏଫ୍‌ଏଲ୍), ବିଅର ଓ ଦେଶୀ ମଦ (ସିଏଲ୍) ବଣ୍ଟନ ଓ ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ସହିତ ସେଗୁଡ଼ିକର ଗୁଣବତ୍ତା ଉପରେ ନିୟନ୍ତ୍ରଣ ରଖିବା ଓଏମ୍‌ବିସିଏଲ୍ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ଥିଲା । ରାଜ୍ୟ ସ୍ତରରେ ମଦ ଉତ୍ପାଦ ଗୁଡ଼ିକର ଯୋଗାଣ ଶୃଙ୍ଖଳ ପରିଚାଳନାର ଯାଞ୍ଚରୁ ନିମ୍ନ ବିଷୟଗୁଡ଼ିକ ଜଣାପଡ଼ିଥିଲା:

- ଏକ୍ସ୍ଟ୍ରା ନିଉଟ୍ରାଲ୍ ଆଲକୋହଲ (ଇଏନ୍‌ଏ) ଆଇଏମ୍‌ଏଫ୍‌ଏଲ୍ ଉତ୍ପାଦନର ମୌଳିକ କଞ୍ଚାମାଲ ହୋଇଥିବାରୁ, ଅବକାରୀ ପ୍ରଶାସନରେ ଘୋଷଣା ବିନା ଅଧିକ ଆଇଏଫ୍‌ଏମ୍‌ଏଲ୍ ଉତ୍ପାଦନ କରିବାର ସୁଯୋଗକୁ ପ୍ରତିହତ କରିବା ପାଇଁ ଏହାର ପ୍ରଭାବୀ ପର୍ଯ୍ୟବେକ୍ଷଣ ଆବଶ୍ୟକ । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ:
    - 2017-21 ଅବଧିରେ ଦୁଇ ଉତ୍ପାଦନକାରୀ ସଂସ୍ଥା ଦ୍ୱାରା କ୍ରୟ କରାଯାଇଥିବା 4,52,990.72 ଲଣ୍ଡନ ପ୍ରୁଫ୍ ଲିଟର (ଏଲ୍‌ପିଏଲ୍) ଇଏନ୍‌ଏ କ୍ରୟ କ୍ଷେତ୍ରରେ, ମଦ ଉତ୍ପାଦନକାରୀଙ୍କ ଦାୟିତ୍ୱରେ ଥିବା ଅବକାରୀ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ଇଏନ୍‌ଏ ଷ୍ଟକ୍ ରେଜିଷ୍ଟରରେ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ)ଙ୍କ ଦ୍ୱାରା

ଏହି କ୍ରୟ ପାଇଁ ଜାରି କରାଯାଇଥିବା ଅନୁମତିର କୌଣସି ପ୍ରମାଣ ଦର୍ଶାଯାଇ ନଥିଲା । ଏହିପରି ଭାବରେ, ମଦ ଉତ୍ପାଦନ ପାଇଁ ପ୍ରାପ୍ତ ଏବଂ ବ୍ୟବହୃତ ଇଏନ୍ଏ ସାମଗ୍ରୀ ଉପରେ 6.60 କୋଟି ଟଙ୍କାର ଅବକାରୀ ଶୁଳ୍କ (ଇଡି) ଆଦାୟ ହୋଇପାରି ନଥିଲା ।

- ୦ ନଅଟି ପାସ୍ ସମ୍ପର୍କିତ 3,61,280 ଏଲ୍‌ପିଏଲ୍‌ର ଇଏନ୍ଏ କ୍ଷେତ୍ରରେ, କେବଳ 3,57,279.45 ଏଲ୍‌ପିଏଲ୍‌ର ଇଏନ୍ଏ ପ୍ରାପ୍ତ ହୋଇଥିବା ଓ ଉତ୍ପାଦନକାରୀ ସଂସ୍ଥାର ସ୍ପିରିଟ୍ ଟ୍ୟାଙ୍କରେ ଗଚ୍ଛିତ ଥିବା ବିଷୟ ନଥିଭୁକ୍ତ କରାଯାଇଥିଲା । ଏହିପରି ଭାବରେ, 4,000.55 ଏଲ୍‌ପିଏଲ୍‌ର ଇଏନ୍ଏ ନଷ୍ଟ ହେବା ସ୍ଥଳେ 2,436.40 ଏଲ୍‌ପିଏଲ୍ ନଷ୍ଟ ହୋଇଥିବା ନଥିଭୁକ୍ତ କରାଯାଇଥିଲା ଯାହା ପରିବହନ ଜନିତ ଦିବସ ଓ ଅନୁମତି ପ୍ରାପ୍ତ ଅପଚୟକୁ ବିଚାରକୁ ନେଇ ଅଡିଟ୍ ଦ୍ୱାରା ହିସାବ କରାଯାଇଥିଲା । ଏହିପରି ଭାବରେ, ଉତ୍ପାଦନକାରୀ ସଂସ୍ଥା ମାନଙ୍କୁ ଅବଶିଷ୍ଟ 1,564.15 ଏଲ୍‌ପିଏଲ୍ ଉପରେ 6.15 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ପ୍ରଦାନ କରିବାର ଥିଲା, ଯାହା ଧାର୍ଯ୍ୟ କରାଯାଇନଥିଲା ।
- ୦ ପ୍ରାପ୍ତ ହୋଇଥିବା ବାସ୍ତବିକ ପରିମାଣର ଇଏନ୍ଏ ଓ ପରିବହନ ଜନିତ କ୍ଷତି ଯାଞ୍ଚ ଓ ମାପ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇନଥିଲା । ସଂସ୍ଥାର ଇଏନ୍ଏ ହିସାବ ଖାତାରେ ଲିପିବଦ୍ଧ ଶୂନ୍ୟ ଷ୍ଟକ୍ ବିପକ୍ଷରେ 34,419.344 ଏଲ୍‌ପିଏଲ୍ ଇଏନ୍ଏ ଗଚ୍ଛିତ ଥିବା ବିଷୟ ଉପ ଅବକାରୀ ଅଧୀକ୍ଷକ, ବ୍ରହ୍ମପୁରଙ୍କ ଦ୍ୱାରା 7 ଜାନୁଆରୀ 2020 ରେ ମେସର୍ସ ୟୁନାଇଟେଡ୍ ସ୍ପିରିଟ୍ ଲିମିଟେଡ୍‌ର ଷ୍ଟକରେ ଭୌତିକ ଯାଞ୍ଚରୁ ଜଣାପଡ଼ିଥିଲା । ଅବକାରୀ ଆୟୁକ୍ତ ଯଥାକ୍ରମେ 1.80 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ଏବଂ 0.50 ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲେ (ମାର୍ଚ୍ଚ 2020) ।

- ତିନୋଟି ଆଇଏମ୍ଏଫ୍ଏଲ୍ ଓ ଗୋଟିଏ ବିଅର ଉତ୍ପାଦନକାରୀ ସଂସ୍ଥାର ପଣ୍ୟାଗାର ଗୁଡ଼ିକରେ ଜାନୁଆରୀ 2002 ଠାରୁ ମାର୍ଚ୍ଚ 2020 ମଧ୍ୟରେ ବଟଲିଙ୍ଗ୍ ହୋଇଥିବା 69,708.46 ଏଲ୍‌ପିଏଲ୍ ଆଇଏମ୍ଏଫ୍ଏଲ୍ ଏବଂ 62,342.80 ବିଏଲ୍ ବିଅର ମାର୍ଚ୍ଚ 2021 ସୁଦ୍ଧା ଗଚ୍ଛିତ ଥିଲା ଅର୍ଥାତ୍ ତିନି ମାସର ଧାର୍ଯ୍ୟ ସମୟ ସୀମା ଅତିକ୍ରମ କରିଥିଲା । କିନ୍ତୁ, 6.33 କୋଟି ଟଙ୍କାର ଦେୟ ବିପକ୍ଷରେ 1.19 କୋଟି ଟଙ୍କାର ଅବକାରୀ ଶୁଳ୍କ ଓ ଜରିମାନା ଲାଗୁ କରାଯାଇଥିଲା ।
- ଦୁଇଟି ଉତ୍ପାଦନକାରୀ ସଂସ୍ଥା ଅନୁମୋଦିତ ପରିମାଣ ବହିର୍ଭୁତ 85,110.78 ଏଲ୍‌ପିଏଲ୍ ବେନିୟମ ଭାବରେ ପ୍ରେରଣ କରିଥିଲେ । ଏହାଫଳରେ, 4.02 କୋଟି ଟଙ୍କାର ଅବକାରୀ ରାଜସ୍ୱ କ୍ଷତି ମଧ୍ୟ ହୋଇଥିଲା । ଏହି ବିଷୟ ଅଡିଟ୍‌ରେ ଦର୍ଶାଗଲା ପରେ ଏକ ଉତ୍ପାଦନ ୟୁନିଟ୍ ଠାରୁ 66.72 ଲକ୍ଷ ଟଙ୍କା ଆଦାୟ କରାଗଲା ।
- ଆଇଏମ୍ଏଫ୍ଏଲ୍ ଓ ଦେଶୀ ମଦ ଉତ୍ପାଦନରେ ବ୍ୟବହୃତ ଇଏନ୍ଏର ବାସ୍ତବ ପରିବହନ କ୍ଷତି ଓ ହିସାବ ବହିର୍ଭୁତ ଇଏନ୍ଏର ମୂଲ୍ୟାଙ୍କନରେ ତ୍ରୁଟି ରହିଥିଲା । ଏଥି ସହିତ ବିନା ଅନୁମତିରେ ଉତ୍ପାଦନକାରୀମାନଙ୍କ ଦ୍ୱାରା ଆଇଏମ୍ଏଫ୍ଏଲ୍ ପ୍ରେରଣ ଘଟଣା ମଧ୍ୟ ଥିଲା । ଏହିପରି ଭାବରେ, ଆଇଏମ୍ଏଫ୍ଏଲ୍ ଉତ୍ପାଦନର ପ୍ରକୃତ ପରିମାଣ ରେକର୍ଡଭୁକ୍ତ କରାଯାଇଥିବା ସନ୍ଦେହଜନକ ଥିଲା । ସମସ୍ତ 11 ଟି ନମୁନା ସଂସ୍ଥାରେ ସଂପୃକ୍ତ ଓଆଇସି ଅଧିକାରୀ ଉତ୍ପାଦନକାରୀ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ପାଦନ ପରିମାଣକୁ ବିନା ଯାଞ୍ଚରେ ପ୍ରମାଣପତ୍ର ପ୍ରଦାନ କରିଥିଲେ ।
- ଇଏଲ୍ ଗୁଡ଼ିକର କାର୍ଯ୍ୟକାରିତା ତ୍ରୁଟିପୂର୍ଣ୍ଣ ଥିଲା । ଅବକାରୀ ବିଭାଗ କର୍ମଚାରୀ ମାନେ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ମଦ ଉତ୍ପାଦ ଗୁଡ଼ିକର ପ୍ରକୃତ ମାର୍ଗ ସମ୍ବନ୍ଧୀୟ ତଥ୍ୟ ହାସଲ ପାଇଁ ଇଏଲ୍/ କ୍ୟୁଆର୍ କୋଡ ସ୍କାନ କରିପାରି ନଥିଲେ ।
- ପାଞ୍ଚଟି ଉତ୍ପାଦନକାରୀ ସଂସ୍ଥା ଦ୍ୱାରା ପ୍ରେରଣ ହୋଇଥିବା ବୋତଲ ସଂଖ୍ୟା ସହିତ ବ୍ୟବହୃତ ଇଏଲ୍‌ର ତୁଳନାରୁ 27.74 ଲକ୍ଷ ଇଏଲ୍ ହିସାବକୁ ନିଆଯାଇନଥିବା ବିଷୟ ଜଣାପଡ଼ିଥିଲା ।

- 17 କାର୍ଯ୍ୟକ୍ଷମ ଯୋଗାଣକାରୀଙ୍କ କ୍ଷେତ୍ରରେ ଅବକାରୀ ଓଆଇସିଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଶେଷରେ ଇଏଏଲ୍ ପରିମାଣ ଘୋଷଣା କରାଯାଇନଥିଲା । ଅନ୍ୟ 12 ଯୋଗାଣକାରୀ ସେମାନଙ୍କ ପାଖରେ ଥିବା ଇଏଏଲ୍ ସଂଖ୍ୟାକୁ 38.59 ଲକ୍ଷ କମ୍ ଭାବରେ ଘୋଷଣା କରିଥିଲେ । ଅଧିକନ୍ତୁ, 2.70 ଲକ୍ଷ ଇଏଏଲ୍ ନଅଟି କାର୍ଯ୍ୟକ୍ଷମ ନଥିବା ଯୋଗାଣକାରୀଙ୍କ ନିକଟରେ 21 ରୁ 45 ମାସ ପର୍ଯ୍ୟନ୍ତ ପଡ଼ିରହିଥିଲା ।

- 1.61 କୋଟି ଟଙ୍କାର ଅତିରିକ୍ତ ସମୟ ଅପରେସନ ଦେୟ ଜାନୁଆରୀ 2022 ସୁଦ୍ଧା ଗୋଟିଏ ଉତ୍ପାଦନକାରୀ ସଂସ୍ଥା ଠାରୁ ଆଦାୟ କରାଯାଇ ନଥିଲା ।

- 9 ଟି ନମୁନା ୟୁନିଟ୍ ଠାରୁ 1.42 କୋଟି ଟଙ୍କାର ପ୍ରତିଷ୍ଠା ଚାର୍ଜ ଦାବୀ କରିଯାଇନଥିଲା ।

- ଆବଶ୍ୟକ ସଂଖ୍ୟକ ଅବକାରୀ ଅଧିକାରୀଙ୍କ ଅନୁପଲବ୍ଧତା ଯୋଗାଣ ଶୃଙ୍ଖଳ ପରିଚାଳନାରେ ତ୍ରୁଟିର କାରଣ ଥିଲା ।

- କଞ୍ଚାମାଲର କ୍ରୟ ଓ ବ୍ୟବହାର ଠାରୁ ଆରମ୍ଭ କରି ଆଇଏମ୍ଏଫ୍ଏଲ୍ ବିଅର ଉତ୍ପାଦନ ଓ ପ୍ରେରଣର ପର୍ଯ୍ୟବେକ୍ଷଣ କାର୍ଯ୍ୟ ସହିତ ଗୋଟିଏ ରୁ ଅଧିକ ଉତ୍ପାଦକାରୀଙ୍କ ଇଏଏଲ୍ ହିସାବ କାର୍ଯ୍ୟ ଜଣେ ଅବକାରୀ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଫଳସ୍ୱରୁପ ଓଡ଼ିଶା ଅବକାରୀ ନିୟମରେ ପ୍ରସ୍ତାବିତ ସଜାଗତା ସମ୍ପର୍କିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନଥିଲା ।

### 1.2.2 ଜିଏସ୍ଟି ଅଧିନରେ ଫେରସ୍ତର ପ୍ରକ୍ରିୟାକରଣ

ଠିକ୍ ସମୟରେ ଫେରସ୍ତ ପ୍ରକ୍ରିୟା ଟିକସ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦନ, କାରଣ ଏହା ଅବ୍ୟବହୃତ ପାଣ୍ଠିକୁ କାର୍ଯ୍ୟକାରୀ ମୂଳଧନ, ସଂପ୍ରସାରଣ ଓ ବିଦ୍ୟମାନ ବ୍ୟବସାୟର ଆଧୁନିକିକରଣ ନିମନ୍ତେ ପ୍ରଦାନ ମାଧମରେ କାରବାରକୁ ସୁଗମ କରିଥାଏ । ଜିଏସ୍ଟି ଅଧିନରେ ଫେରସ୍ତ ପ୍ରକ୍ରିୟାକୁ ସୁଗମ ଓ ମାନଯୁକ୍ତ କରିବା ଜିଏସ୍ଟି ଆଇନର ଫେରସ୍ତ ସଂପର୍କିତ ବ୍ୟବସ୍ଥାର ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଅଡିଟ୍ ଲକ୍ଷ୍ୟ କରିଥିଲେ:

- ପରୀକ୍ଷା ଯାଞ୍ଚ 268 ଟି ଫେରସ୍ତ ମାମଲା ମଧରୁ 50 ଟି କ୍ଷେତ୍ରରେ ପ୍ରାପ୍ତି ସ୍ୱୀକାର ପ୍ରେରଣରେ ଏକ ରୁ 333 ଦିନର ବିଳମ୍ବ ହୋଇଥିଲା । ଏହାଫଳରେ, ଓଜିଏସ୍ଟି ନିୟମ 2017 ର ନିୟମ 90 ରେ ଥିବା ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇଥିଲା ।

- 18 ଟି ଫେରସ୍ତ ମାମଲାରେ ଫେରସ୍ତ ଅନୁମୋଦନ କରିବାରେ 10 ରୁ 115 ଦିନ ବିଳମ୍ବ ହୋଇଥିଲା । ଏହାଫଳରେ, ଓଜିଏସ୍ଟି ନିୟମ 2017 ର ନିୟମ 92 ର ବ୍ୟବସ୍ଥା ଗୁଡିକର ଅନୁପାଳନ ହୋଇନଥିଲା ।

- ପରୀକ୍ଷା ଯାଞ୍ଚ 268 ଟି ଫେରସ୍ତ ମାମଲାରେ କୌଣସି ପୋଷ୍ଟ ଅଡିଟ୍ ସମ୍ପାଦନ କରାଯାଇ ନଥିଲା ।

### 1.2.3 ଜିଏସ୍ଟି ଅଧିନରେ ମଧକାଳୀନ ଜମା

ଆଉଟ୍ପୁଟ୍ ଟିକସ ଦେୟ ବିପକ୍ଷରେ ଇନ୍ପୁଟ୍, ଇନ୍ପୁଟ୍ ସେବା ଓ କ୍ୟାପିଟାଲ ସାମଗ୍ରୀ ଉପରେ ଦିଆଯାଇଥିବା ଟିକସକୁ କ୍ରେଡିଟ୍ ଭାବରେ ଅନୁମତି ପ୍ରଦାନ କରିବା ଜିଏସ୍ଟିର ଏକ ପ୍ରମୁଖ ବୈଶିଷ୍ଟ୍ୟ । ତେବେ, ଅଡିଟ୍ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

- 44 ଟି ଓଜିଏସ୍ଟି ମଣ୍ଡଳରେ, ସିଟି ଓ ଜିଏସ୍ଟି ଆୟୁକ୍ତଙ୍କ ଦ୍ୱାରା ଚିହ୍ନିତ 3,510 ମାମଲା ମଧରୁ 2,177 ମାମଲାର (62 ପ୍ରତିଶତ) ମଧକାଳୀନ ଜମା ଦାବି ଯାଞ୍ଚ କରାଯାଇଥିଲା । ଯାଞ୍ଚ କରାଯାଇଥିବା ଏହି 2,177 ଟି ମାମଲା ମଧରୁ 9.28 କୋଟି ଟଙ୍କାର 171 ଟି ମାମଲାରେ ଅସୁଲ ପଦକ୍ଷେପ ଆରମ୍ଭ କରାଯାଇଥିଲା ।

- ଯଦିଓ ପରୋକ୍ଷ ଟିକସ ଓ ସୀମାଶୁଳ୍କର କେନ୍ଦ୍ରୀୟ ବୋର୍ଡ, କେନ୍ଦ୍ରୀୟ ପରିସରଭୁକ୍ତ ଟିକସଦାତାଙ୍କ ଏସ୍ଜିଏସ୍ଟି କ୍ରେଡିଟ୍, ଯାଞ୍ଚ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଥିଲେ, ଓଡ଼ିଶା ସରକାରଙ୍କ ବାଣିଜ୍ୟ କର ବିଭାଗ ଜିଏସ୍ଟି ଅଧିନିୟମର ଧାରା 6(i) ର ଆବଶ୍ୟକତା

ଅନୁଯାୟୀ ମଧ୍ୟକାଳୀନ ଜମାର ଯାଞ୍ଚ ପ୍ରକ୍ରିୟା ସଠିକ୍ ଅଧିକାରୀଙ୍କ ଦ୍ୱାରା କରାଯିବା ବିଷୟ ଉଲ୍ଲେଖ ପୂର୍ବକ କୌଣସି ପ୍ରଭାବୀ ବିଜ୍ଞପ୍ତି ଜାରି କରିନଥିଲେ ।

- 31 ଟି  ସିଟି ଓ ଜିଏସ୍‌ଟି ମଣ୍ଡଳରେ 129 ଟି ମାମଲାରେ କରଦାତାମାନେ ବସିୟତ ରିଟର୍ଣ୍ଣର ଶୂନ୍ୟ/ ସ୍ୱଳ୍ପ ବାଲାନ୍ସ ତୁଳନାରେ ଟିଆର୍‌ଏଏନ୍-1 ର ସାରଣୀ -5C/7B ଅଧିନରେ 86.36 କୋଟି ଟଙ୍କାର ଅଧିକ ମଧ୍ୟକାଳୀନ ଜମାକୁ ଅଗ୍ରେନୀତ କରିଥିଲେ ।
- 11 ଟି ସିଟି ଓ ଜିଏସ୍‌ଟି ମଣ୍ଡଳର 15 ଟି ମାମଲାରେ, କରଦାତାମାନେ ଧାର୍ଯ୍ୟ ଦିବସର ପୂର୍ବ ଛଅ ମାସ ମଧ୍ୟରେ ପୂର୍ବ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ରିଟର୍ଣ୍ଣ ଦାଖଲ କରିନଥିବା ସତ୍ତ୍ୱେ 8.98 କୋଟି ଟଙ୍କାର ମଧ୍ୟକାଳୀନ ଜମା ଦାବି କରିଥିଲେ ।
- ପାଞ୍ଚଟି ସିଟି ଓ ଜିଏସ୍‌ଟି ମଣ୍ଡଳର 15 ଟି ମାମଲାରେ କରଦାତାମାନେ ବିଗତ ନଅ ମାସ ଅବଧିରେ କୌଣସି ବିକ୍ରୟ କାରବାର ଓ ଆଉଟ୍‌ପୁଟ୍ ଟିକସ ନଥିବା ସତ୍ତ୍ୱେ, ଟିଆର୍‌ଏଏନ୍-1 ରେ 4.41 କୋଟି ଟଙ୍କାର ମଧ୍ୟକାଳୀନ ଜମା ଅଗ୍ରେନୀତ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ ।
- 28 ଟି ସିଟି ଓ ଜିଏସ୍‌ଟି ମଣ୍ଡଳର 68.28 କୋଟି ଟଙ୍କାର ଅନିୟମିତ/ ଅତ୍ୟଧିକ ମଧ୍ୟକାଳୀନ ଜମା ସହ ଜଡ଼ିତ 116 ମାମଲାରେ, କରଦାତାମାନଙ୍କ ଦ୍ୱାରା ବିପରୀତ ଦେୟ କିମ୍ବା ଅନିୟମିତ କ୍ରେଡିଟ୍ ଦାବି ହେତୁ 60.69 କୋଟି ଟଙ୍କାର ସୁଧ କରଦାତାମାନଙ୍କ ଠାରୁ ଆଦାୟ କରାଯାଇ ନଥିଲା ।